# NATIONAL NEWS BULLETIN (ODIA)

**27 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ତୃଣମୂଳ ସ୍ତରରେ ନବସୃଜନ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛି, କହିଲେ ରାଷ୍ଟ୍ରପତି ଦ୍ରୌପଦୀମୁର୍ମୁ

- ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ଦେଶ ଏବଂ ସମାଜର ମନୋବଳକୁ ଭାଙ୍ଗିବା ପାଇଁ ଲାଗୁ କରାଯାଇଥିଲା ଜରୁରୀକାଳୀନ ପରିସ୍ଥିତ

- ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେଉଛି ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା

–ରଥଯାତ୍ରା ଅବସରରେ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ଏବଂ

- ହକି ଇଣ୍ଡିଆ ମାଷ୍ଟର୍ସ କପ୍ ପ୍ରତିଯୋଗିତାରେ ମହିଳା ବର୍ଗରେ ଓଡ଼ିଶା ଓ ପଞ୍ଜାବ ଏବଂ ପୁରୁଷ ବର୍ଗରେ ତାମିଲନାଡୁ ଓ ମହାରାଷ୍ଟ୍ର ମଧ୍ୟରେ ଆଜି ହେବ ମୁକାବିଲା

## ପ୍ରେଜ୍-ଏମ୍ଏସ୍ଏମ୍ଇ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଦେଶରେ ସ୍ଥାୟୀ ଆର୍ଥିକ ବିକାଶ ପାଇଁ ଏକ ଦୃଢ଼ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ-ଏମ୍ଏସ୍ଏମ୍ଇ ଇକୋସିଷ୍ଟମ୍‌ର ଆବଶ୍ୟକତା ରହିଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ ସମାରୋହକୁ ସମ୍ବୋଧିତ

କରି ରାଷ୍ଟ୍ରପତି କହିଛନ୍ତି, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଦେଶର ପ୍ରଗତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଦେଶର ଜିଡିପିରେ ପ୍ରାୟ ୩୦ ପ୍ରତିଶତ, ଉତ୍ପାଦନ କ୍ଷେତ୍ରରେ ଏହାର ୩୬ ପ୍ରତିଶତ ତଥା ରପ୍ତାନୀ କ୍ଷେତ୍ରରେ ୪୫ ପ୍ରତିଶତ ଯୋଗଦାନ ରହିଛି । ରାଷ୍ଟ୍ରପତି କହିଛନ୍ତି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର କେବଳ ଦେଶର ଜିଡିପିରେ ଅବଦାନ ରଖୁନାହିଁ ବରଂ ତୃଣମୂଳ ସ୍ତରରେ ନବସୃଜନ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛି । ଏହା ଗ୍ରାମୀଣ ଓ ପଛୁଆ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଦୁର୍ବଳ ବର୍ଗର ଲୋକମାନଙ୍କୁ ସଶକ୍ତ କରୁଛି ।

**V/O (Prez MSME)**

ରାଷ୍ଟ୍ରପତି କହିଛନ୍ତି, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଗୁଡ଼ିକ ଭାରତ ସମେତ ବିଶ୍ୱ ଅର୍ଥନୀତିକୁ ସଶକ୍ତ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ସେ କହିଛନ୍ତି, ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରି ନିଯୁକ୍ତି ସୃଷ୍ଟି ଏବଂ ସମାବେଶୀ ବିକାଶକୁ ତୃଣମୂଳ ସ୍ତରରେ ଏମ୍‌ଏସ୍‌ଏମ୍‌ଇ ପ୍ରାଧାନ୍ୟ ଦେଉଛି । ଅର୍ଥନୈତିକ ସ୍ତରରେ ଏମ୍‌ଏସ୍‌ଏମ୍‌ଇ ଅଧୀନସ୍ଥ ୯୦ ପ୍ରତିଶତ ଉଦ୍ୟୋଗ ଏବଂ ମୋଟ୍ ନିଯୁକ୍ତିର ୫୦ ପ୍ରତିଶତରୁ ଅଧିକ କାର୍ଯ୍ୟ କରୁଛି ।

---

# ଜୟଶଙ୍କର

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି ୧୯୭୫ ମସିହାରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତି ଦେଶ ଏବଂ ସମାଜର ମନୋବଳକୁ ଭାଙ୍ଗିବା ପାଇଁ କରାଯାଇଥିଲା । ଜରୁରୀକାଳୀନ ପରିସ୍ଥିତି ଲାଗୁର ୫୦ବର୍ଷ ପୂର୍ତ୍ତି ପାଳନ ଅବସରରେ ନୂଆଦିଲ୍ଲୀରେ

ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଜୟଶଙ୍କର କହିଛନ୍ତି, ଜରୁରୀକାଳୀନ ସ୍ଥିତି କେବେ ମଧ୍ୟ ସ୍ୱାଧୀନତାକୁ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ ବୋଲି ଲୋକମାନଙ୍କୁ ଶିକ୍ଷା ଦେଇଥିଲା । ଯେତେବେଳେ ଏକ ପରିବାରକୁ ଦେଶ ଅପେକ୍ଷା ବଡ଼ ବୋଲି ବିବେଚନା କରାଯାଏ, ସେତେବେଳେ ଦେଶରେ ଏଭଳି ପରିସ୍ଥିତି ସୃଷ୍ଟି ହୁଏ ବୋଲି ବୈଦେଶିକମନ୍ତ୍ରୀ କହିଛନ୍ତି । ଜରୁରୀକାଳୀନ ଅବଧିର ୨ବର୍ଷ ମଧ୍ୟରେ ଦେଶରେ ୫ଟି ସମ୍ବିଧାନ ସଂଶୋନ କରାଯିବା ସହ ୪୮ଟି ଅଧ୍ୟାଦେଶ ପାରିତ କରାଯାଇଥିଲା ବୋଲି ସେ କହିଛନ୍ତି ।

**V/O (Jayashankar)**

---

# ରଥଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେଉଛି ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏଥିପାଇଁ ରଥ-ପଥ-ଭକ୍ତ ପ୍ରସ୍ତୁତ ହୋଇଛନ୍ତି ।  ସମୟନିର୍ଘଣ୍ଟ ଅନୁଯାୟୀ ଠାକୁରଙ୍କର ନୀତିକାନ୍ତି ଚାଲିଛି । ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବାନେଇ ନୀତିନିର୍ଘଣ୍ଟ ସ୍ଥିର ହୋଇଛି । ରଥାରୁଢ଼ ମହାପ୍ରଭୁଙ୍କ ଦର୍ଶନ ପାଇଁ ବଡଦାଣ୍ଡରେ ଶ୍ରଦ୍ଧାଳୁଙ୍କର ଭିଡ଼ ବଢ଼ିବାରେ ଲାଗିଛି । ଏ ସମ୍ପର୍କରେ ଏକ ରିପୋର୍ଟ...

*ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି ଶ୍ରୀକ୍ଷେତ୍ର। ବଡଦାଣ୍ଡରେ ଭକ୍ତଙ୍କ ଗହଳି-ଚହଳି ଲାଗି ରହିଛି। କୋଟି ଓଡ଼ିଆଙ୍କ ମଉଡମଣି ଶ୍ରୀଜଗନ୍ନାଥ ରତ୍ନବେଦୀରୁ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରାରେ ବାହାରିଛନ୍ତି। ଟାହିଆ ହଲାଇ ଭକ୍ତଙ୍କ ଗହଣରେ ବିଜେ କରିଛନ୍ତି। ଭକ୍ତ ଓ ଭଗବାନଙ୍କ ଦିବ୍ୟ ମିଳନରେ ବଡ଼ଦାଣ୍ଡରେ ଏକ*

ନିଆରା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଘଣ୍ଟ-ଘଣ୍ଟା, ଖୋଳ-ତାଳ, ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଉଠୁଛି।

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଆଜି  ଚକ୍ରରାଜ ଶ୍ରୀସୁଦର୍ଶନ, ବଡ଼ଠାକୁର ଶ୍ରୀବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ମାନବୀୟ ଲୀଳାକୁ ସମଗ୍ର ବ୍ରହ୍ମାଣ୍ଡ ଦର୍ଶନ କରୁଛି। ନୀତିନିର୍ଘଣ୍ଟ ଅନୁସାରେ, ଆଜି ସକାଳ ୯ଟାରେ ୩ ରଥକୁ ପ୍ରତିଷ୍ଠା କରାଯିବା ପରେ ସାଢ଼େ ୯ଟାରେ ଠାକୁରଙ୍କ ଗୋଟି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ ସୁଦର୍ଶନଙ୍କର ପହଣ୍ଡି ପରେ ବଡ଼ ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହିତ ମହାପ୍ରଭୁ ଶ୍ରୀଜଗନାଥ ଧାଡି ପହଣ୍ଡିରେ ଆସି ରଥ ଉପରେ ବିରାଜମାନ କରିଥିଲେ। ଶ୍ରୀଜୀଉମାନେ ରଥାରୂଢ଼ ହେବା ପରେ ଶ୍ରୀଶ୍ରୀମଦନମୋହନ, ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ରଥ ଉପରେ ବିଜେ କରାଯାଇଥିଲା।

ଏହା ପରେ ଅପରାହ୍ଣରେ ରଥ ଉପରେ ଚିତାଲାଗି ଓ ବେଶ ଅନୁଷ୍ଠିତ ହେବା ପରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ୩ ରଥରେ ଛେରାପହଁରା କରିବେ। ଅପରାହ୍ଣ ୪ଟାରେ ଚାରମାଳ ଫିଟା, ଘୋଡା ଏବଂ ସାରଥୀ ଯୋଚା ଯିବ। ଶ୍ରୀଗୁଣ୍ଡିଚା ଅଭିମୁଖେ ୩ ରଥ ଅପରାହ୍ଣ ସାଢ଼େ ୪ଟାରେ ଗଡ଼ିବା ଆରମ୍ଭ କରିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ନବଦିନାତ୍ମକ ଯାତ୍ରା ପାଇଁ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି କାଳିଆଠାକୁର ବାହାରିଥିବାବେଳେ ଆଜି ସକାଳୁ ଶ୍ରୀମନ୍ଦିରରେ ସର୍ବପ୍ରଥମେ ମଙ୍ଗଳ ଆଳତୀ ନୀତି ହୋଇଥିଲା। ପରେ ମଇଲମ,

*ତଡପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା ଆଦି ଦୈନ୍ୟନ୍ଦିନ ରୀତିନୀତି କରାଯିବା ପରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଗୋପାଳବଲ୍ଲଭ ଓ ସକାଳ ଧୂପରେ ଖେଚୁଡ଼ି ଭୋଗ ଅନୁଷ୍ଠିତ ହେବା ସହ ଷ୍ଟୋତ୍ରୀୟ ବ୍ରାହ୍ମଣଙ୍କ ଦ୍ଵାରା ରଥ ପ୍ରତିଷ୍ଠା କରାଯାଇଥିଲା। ଶ୍ରୀମନ୍ଦିର ଛାଡ଼ି ରଥାରୂଢ଼ ମହାପ୍ରଭୁଙ୍କୁ ବାମନ ବେଶରେ ଦର୍ଶନ କରି ଭକ୍ତ ନିଜକୁ କୃତାର୍ଥ ମନେ କରୁଛି।*

ଆକାଶବାଣୀ ସମାଚାର ପାଇଁ ମୁଁ ନିନା ସାହୁ

---

# ପ୍ରେଜ୍-ରଥଯାତ୍ରା

ଓଡ଼ିଶାର ପୁରୀଠାରେ ଆଜି ଅନୁଷ୍ଠିତ ହେଉଥିବା ପବିତ୍ର ରଥଯାତ୍ରା ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ଲକ୍ଷଲକ୍ଷ ଭକ୍ତଙ୍କୁ ପ୍ରଭୁ ବଳଭଦ୍ର, ଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ଚକ୍ରରାଜ ସୁଦର୍ଶନ ରଥ ଉପରେ ବସି ଆଜି ଦର୍ଶନ ଦେଉଛନ୍ତି । ଶ୍ରଦ୍ଧାଳୁମାନେ ଏହି ଦିବ୍ୟ ଅନୁଭୂତି ପ୍ରାପ୍ତ କରିବା ପାଇଁ ଶ୍ରୀକ୍ଷେତ୍ର ପୁରୀଠାରେ ଭିଡ଼ ଜମାଇଛନ୍ତି । ଈଶ୍ୱରଙ୍କର ଏହି ମାନବୀୟ ଲୀଳା ରଥଯାତ୍ରାର ବିଶେଷ ମହତ୍ତ୍ୱ ରଖେ ବୋଲି ରାଷ୍ଟ୍ରପତି କହିଛନ୍ତି । ସାରା ବିଶ୍ୱରେ ଶାନ୍ତି, ମୈତ୍ରୀ ଏବଂ ସମନ୍ୱୟ ରକ୍ଷା କରିବା ପାଇଁ ରାଷ୍ଟ୍ରପତି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

**V/O (Prez)**

---

# ପିଏମ୍-ରଥଯାତ୍ରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଏହି ପବିତ୍ର ପର୍ବ ସମଗ୍ର ବିଶ୍ୱରେ ବିଶ୍ୱାସ, ଆନନ୍ଦ, ପ୍ରଗତି, ସୌଭାଗ୍ୟ ଏବଂ ସମସ୍ତଙ୍କର ଉତ୍ତମ ସ୍ୱାସ୍ଥ୍ୟର କାମନା କରିଛନ୍ତି ।

---

# ସୀତାରମଣ-ବ୍ୟାଙ୍କ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବ୍ୟାଙ୍କ ଗୁଡ଼ିକର ପ୍ରଦର୍ଶନର ସମୀକ୍ଷା କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ବୈଠକରେ ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଆର୍ଥିକ ସେବା ବିଭାଗର ସଚିବ ଏମ୍.ନାଗରାଜୁ ଏବଂ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ତଥା ସିଇଓମାନେ ଉପସ୍ଥିତ ଥିଲେ ।

---

# ୟୁଥ୍ ହ୍ୱାଟସଆପ୍ ଚାଟ୍‌ବଟ୍

କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ମାଇଁ ଭାରତ ପୋର୍ଟାଲ୍ ସହ ସଂଯୋଗୀକରଣ ବ୍ୟବସ୍ଥା ଆରମ୍ଭ କରିଛି । ଏହା ହେବା ଫଳରେ ଯୁବବର୍ଗ ଡିଜିଟାଲ୍ ଜରିଆରେ ମାଇଁ ଭାରତ ପୋର୍ଟାଲ୍ ର ସମସ୍ତ କାର୍ଯ୍ୟକଳାପରେ ସାମିଲ ହୋଇପାରିବେ । ଏଥିପାଇଁ ହ୍ୱାଟସ୍‌ଆପ୍ ନମ୍ବର ଜାରି କରାଯାଇଛି । ନମ୍ବରଟି ହେଉଛି- ୭୨୮୯୦୦୧୫୧୫ । ନମ୍ବରଟି ଆଉଥରେ କହିଦେଉଛୁ : ୭୨୮୯୦୦୧୫୧୫ ।

ହ୍ୱାଟସ୍‌ଆପ୍ ଜରିଆରେ ଏହି ନମ୍ବରଟି ବ୍ୟବହାର କରି ପଞ୍ଜୀକୃତ ମାଇଁ ଭାରତ ବ୍ୟବହାରକାରୀମାନେ ସମସ୍ତ ପ୍ରକାରର କାର୍ଯ୍ୟରେ ଯୋଗ ଦେଇପାରିବେ । ସୂଚନା ଅନୁଯାୟୀ ମାଇଁ ଭାରତ ପୋର୍ଟାଲ୍‌ରେ ଉପଲବ୍ଧ ହେଉଥିବା ବିଭିନ୍ନ

ପ୍ରକାର ଆବେଦନ, ରିଏଲ୍ ଟାଇମ୍ ଅପ୍‌ଡେଟ୍ ଏବଂ ଯୋଗଦାନ ସଂପର୍କରେ ସମସ୍ତ ସୂଚନା ମିଳିପାରିବ ।

## ଇଣ୍ଡିଆ-ରୁଷ୍

ଭାରତ' ରୁଷ୍ ପାଖରୁ ଏସ୍-୪୦୦ ସିଷ୍ଟମ୍ ଯୋଗାଣ, SU 30 MKI ଅପଗ୍ରେଡ୍ ଏବଂ ସମୟସୀମା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସାମରିକ ହାର୍ଡଓୟାର କ୍ରୟ କରିବା ନେଇ ଆଲୋଚନା କରିଛି । ଚୀନ୍‌ର କ୍ୱିଙ୍ଗ୍‌ଡାଓଠାରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ-ଏସ୍‌ସିଓ ପ୍ରତିରକ୍ଷାମନ୍ତ୍ରୀମାନଙ୍କ ବୈଠକ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ତାଙ୍କ ରୁଷ୍ ପ୍ରତିପକ୍ଷ ଆଣ୍ଡ୍ରେବେଲୋସଭ୍‌ଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଏହି ଆଲୋଚନା କରିଥିଲେ । ଉଭୟ ପକ୍ଷ ସଂପ୍ରତି ଦେଖାଦେଇଥିବା ଭୌଗୋଳିକ ତଥା ରାଜନୈତିକ ପରିସ୍ଥିତି, ସୀମାପାର ଆତଙ୍କବାଦ ଏବଂ ପ୍ରତିରକ୍ଷା ସହଯୋଗକୁ ନେଇ ଆଲୋଚନା କରିଥିଲେ । ବୈଠକରେ ରୁଷ୍ ପ୍ରତିରକ୍ଷାମନ୍ତ୍ରୀ ଉଭୟ ଦେଶ ମଧ୍ୟରେ ଦୀର୍ଘକାଳୀନ ସୁସଂପର୍କ ଉପରେ ଆଲୋକପାତ କରିଥିଲେ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗରେ ଚୀନ୍ ଭାରତକୁ ସମର୍ଥନ କରୁଥିବା ନେଇ ରୁଷ୍ ପ୍ରତିପକ୍ଷ  ମତ ପ୍ରକାଶ କରିଥିଲେ । ଆମ ସମ୍ବାଦଦାତାଙ୍କ ସୂଚନା ଅନୁସାରେ, ଅପରେସନ ସିନ୍ଦୂର ପୃଷ୍ଠଭୂମିକୁ ନେଇ ଉଭୟ ଦେଶ ଏବଂ ପ୍ରତିରକ୍ଷା ଉତ୍ପାଦନ ବୃଦ୍ଧି ନେ ଆଲୋଚନା କରିଥିଲେ ।

## ସୁଗାର ପ୍ରଡକ୍ସନ

ଦେଶରେ ଆସନ୍ତା ୨୦୨୬ରେ ଚିନି ଉତ୍ପାଦନ ୧୫ ପ୍ରତିଶତ ବୃଦ୍ଧି ପାଇ ପ୍ରାୟ ୩୫ ନିୟୁତ ଟନ୍‌ରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଏକ କ୍ରେଡିଟ୍ ରେଟିଂ ସଂସ୍ଥା ଦ୍ୱାରା ପ୍ରକାଶିତ ରିପୋର୍ଟରେ କୁହାଯାଇଛି, ଦେଶରେ ହେଉଥିବା ହାରାହାରି ବର୍ଷା ଯୋଗୁଁ ଚିନି ଉତ୍ପାଦନ ବୃଦ୍ଧି ହେବାର ସମ୍ଭାବନା ରହିଛି ।

ଅନୁକୂଳ ପାଗ ଯୋଗୁଁ ଆଖୁ ଉତ୍ପାଦନ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରେ ବୃଦ୍ଧି ପାଇବାକୁ ନେଇ ଆକଳନ କରାଯାଇଛି । ନୀତିଗତ ପରିସ୍ଥିତି ଅନୁକୂଳ ହେଲେ ଚିନି ଉତ୍ପାଦନ ତଥା ରପ୍ତାନୀ ବୃଦ୍ଧି ପାଇବ ବୋଲି କୁହାଯାଇଛି ।

## ହକି

ମହିଳା ହକି ଇଣ୍ଡିଆ ମାଷ୍ଟର୍ସ କପ୍ ପ୍ରତିଯୋଗିତାରେ ଆଜି ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ମୁକାବିଲା ହେବ । ତାମିଲନାଡୁ ଚେନ୍ନାଇସ୍ଥିତ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଆଉ କିଛି ସମୟ ମଧ୍ୟରେ ମ୍ୟାଚ୍ ଖେଳାଯିବ । ପୂର୍ବରୁ ସେମିଫାଇନାଲ୍ ମ୍ୟାଚରେ ପଞ୍ଜାବ ୩-୨ ଗୋଲ୍‌ରେ ହରିଆଣାକୁ ପରାସ୍ତ କରିଥିବା ବେଳେ ଓଡ଼ିଶା ତାମିଲନାଡୁକୁ ୪-୧ ଗୋଲ୍‌ରେ ପରାସ୍ତ କରିଛି । ଏହି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଲାଗି ତାମିଲନାଡୁ ଏବଂ ହରିୟାଣା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ପୁରୁଷ ହକି ଇଣ୍ଡିଆ ମାଷ୍ଟର୍ସ କପ୍‌ରେ ଆଜି ତାମିଲନାଡୁ ଏବଂ ମହାରାଷ୍ଟ୍ର ମଧ୍ୟରେ ଚେନ୍ନାଇରେ ଅପରାହ୍ନ ୪ଟାରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ । ଏହି ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍‌ରେ ତାମିଲନାଡୁ ୩-୦ ଗୋଲ୍‌ରେ ଚଣ୍ଡୀଗଡ଼କୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲ୍‌ରେ ମହାରାଷ୍ଟ୍ର ୪-୧ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରିଥିଲା ।

## ଆଇସିସି ପାୱାରପ୍ଲେ ରୁଲ୍‌ସ

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ-ଆଇସିସି ଟି-୨୦ ମ୍ୟାଚ୍ ପାଇଁ ନୂତନ ପାୱାର ପ୍ଲେ ନିୟମ ଘୋଷଣା କରିଛି । ଆସନ୍ତାମାସରୁ ଲାଗୁହେବାକୁ ଥିବା ଏହି ନୂତନ ନିୟମ ଅନୁଯାୟୀ ଟି-୨୦ ମ୍ୟାଚ୍‌ର ଏକ ଇନିଂସ୍‌ରେ ୮

ଓଭର୍ ଖେଳରେ ୩ ଓଭର୍  ପରିବର୍ତ୍ତେ ୨ ଦଶମିକ ୨ ଓଭର୍ ପାୱାର ପ୍ଲେ ଭାବରେ ରହିବ । ସେହି ସମୟରେ  ୩୦ ୟାର୍ଡ ସର୍କଲ ବାହାରେ ୨ ଜଣ ଫିଲଡର ରହିବେ । ସେହିପରି ୫ ଓଭର୍ ବିଶିଷ୍ଟ ଇନିଂସ ପାଇଁ ୧ ଦଶମିକ ୩ ଓଭର ଓଭର୍ ପାୱାର ପ୍ଲେ ଖେଳାଯିବ । ଟି-୨୦ ମ୍ୟାଚ୍‌ଗୁଡ଼ିକରେ ଖରାପ ପାଗ, ବର୍ଷା ବାଧକତା କିମ୍ବା କମ୍ ଆଲୋକରେ ମ୍ୟାଚ୍‌ଗୁଡ଼ିକ ବାଧାପ୍ରାପ୍ତ ହେଉଥିବାରୁ ଏହି ନିୟମ ଲାଗୁ କରାଯାଇଛି ।